# NATIONAL NEWS BULLETIN (ODIA)
## 19 June - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ ଯାଉଛନ୍ତି ।
- କେନ୍ଦ୍ର ସରକାର ଚଳିତ ମାସ ୨୧ ତାରିଖରେ ବାଣିଜ୍ୟିକ କୋଲ୍ ବ୍ଲକ୍‌ର ଦଶମ ପର୍ଯ୍ୟାୟ ନିଲାମ କରିବେ ।
- ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଇ ରକ୍ତଶିକୁଳି ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।
- ସାଧାରଣ ବଜେଟ୍ ୨୦୨୪-୨୫ ପୂର୍ବରୁ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍-ବଜେଟ୍ ବିଚାରବିମର୍ଷର ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ସୁପର ଏଇଟ୍‌ର ପ୍ରଥମ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ଦକ୍ଷିଣ ଆଫ୍ରିକା ଓ ଆମେରିକା ମଧ୍ୟରେ ହେବ ମୁକାବିଲା ।

## ପିଏମ୍-ଜେଆଣ୍ଡକେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ ଯାଉଛନ୍ତି । ସେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଏକ ହଜାର ୫୦୦ କୋଟି ଟଙ୍କା ମୂଲ୍ୟର ୮୪ଟି ପ୍ରମୁଖ ବିକାଶ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀନଗର ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ଯୁବ ସଶକ୍ତିକରଣ, ଜାମ୍ମୁ କାଶ୍ମୀର ରୂପାନ୍ତରଣ' ଶୀର୍ଷକ କାର୍ଯ୍ୟକ୍ରମରେ ଭାଗ ନେବେ । ଏହି ଅବସରରେ ସେ ୨ ହଜାରରୁ ଅଧିକ ସରକାରୀ ଚାକିରି ପାଇବାକୁଥିବା ଆଶାୟୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ୧ ହଜାର ୮୦୦ କୋଟି ଟଙ୍କା ମୂଲ୍ୟର କୃଷି ଓ ଆନୁସଙ୍ଗିକ ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ଜୁନ୍ ୨୧ରେ ଆନ୍ତର୍ଜାତିକ ଯୋଗଦିବସ ଅବସରରେ ଶ୍ରୀନଗରରେ ହେବାକୁ ଥିବା ଯୋଗ କାର୍ଯ୍ୟକ୍ରମରେ ସେ ଯୋଗଦେବା ସହ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି ।

# କୋଇଲା ବ୍ଲକ୍

କେନ୍ଦ୍ର ସରକାର ଚଳିତ ମାସ ୨୧ ତାରିଖରେ ବାଣିଜ୍ୟିକ କୋଲ୍ ବ୍ଲକ୍‌ର ଦଶମ ପର୍ଯ୍ୟାୟ ନିଲାମ କରିବେ । ଏହି ପର୍ଯ୍ୟାୟରେ ୬୦ଟି ବ୍ଲକ୍‌ର ନିଲାମ କରାଯିବ । ହାଇଦ୍ରାବାଦ୍ ଠାରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଏହି ନିଲାମର ଶୁଭାରମ୍ଭ କରିବେ ।

କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ନିଲାମ ହେବାକୁ ଥିବା କୋଇଲା ବ୍ଲକ୍ ଗୁଡ଼ିକ ଜରିଆରେ ଆଞ୍ଚଳିକ ଅର୍ଥନୈତିକ ବିକାଶ ହେବା ସହ ନିଯୁକ୍ତି ସୃଷ୍ଟି କରିବାରେ ଏହା ସହାୟକ ହେବ । ଓଡ଼ିଶା, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗରେ  ଏହି କୋଇଲା ବ୍ଲକ୍ ଗୁଡ଼ିକ ରହିଛି । ଓଡ଼ିଶାରେ ୧୬ଟି ଖଣି ଥିବା ବେଳେ ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ୧୫ଟି ଖଣିକୁ ନିଲାମ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟିକ କୋଇଲା ବ୍ଲକ୍ ଗୁଡ଼ିକର ନିଲାମ କାର୍ଯ୍ୟ ଆରମ୍ଭ କରିଥିଲେ । ତାପରଠାରୁ ସମ୍ପୃକ୍ତ ମନ୍ତ୍ରଣାଳୟ ସଫଳତାର ସହ ୧୦୭ଟି କୋଇଲା ବ୍ଲକ୍‌କୁ ୯ଟି ପର୍ଯ୍ୟାୟରେ ନିଲାମ କରିବାରେ ସକ୍ଷମ ହୋଇଛି । ଅଦ୍ୟାବଧି ଦେଶରେ ୧୧ଟି ବାଣିଜ୍ୟିକ କୋଇଲା ବ୍ଲକ୍ କାର୍ଯ୍ୟକ୍ଷମ ରହିଛି ।

# ସିକିଲ୍‌ସେଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଉନ୍ନତ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଇ ସିକିଲ୍‌ସେଲ୍ ବା ରକ୍ତଶିକୁଳି ରୋଗକୁ ପ୍ରତିହତ କରାଯାଇ ପାରିବ । ବିଶ୍ୱ ସିକିଲ୍ ସେଲ୍ ନିରାକରଣ ଦିବସ ପାଳନ ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିପାଇଁ ସରକାର ଏକ ମିଶନ କାର୍ଯ୍ୟକାରୀ କରିଛନ୍ତି । ଏ ଦିଗରେ ଜନସଚେତନତା ବୃଦ୍ଧି ସହ ନମୁନା ପରୀକ୍ଷଣ ତଥା ଚିକିତ୍ସା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ସିକିଲ୍‌ସେଲ୍ ରୋଗର ତ୍ୱରିତ ଚିହ୍ନଟ, ଗୁଣାତ୍ମକ ଚିକିତ୍ସା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ଚଳିତ ବର୍ଷର ବାର୍ତ୍ତା ରହିଛି – "ଉପଯୁକ୍ତ ପଦ୍ଧତିରେ ସମଗ୍ର ବିଶ୍ୱରେ ସିକିଲ୍‌ସେଲ୍‌ର ଉନ୍ନତ ଚିକିତ୍ସାସେବାକୁ ଆଗେଇ ନେବା ।"

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି, ସିକିଲ୍‌ସେଲ୍ ରୋଗ ମୁଖ୍ୟତଃ ଆଦିବାସୀମାନଙ୍କୁ ଆକ୍ରାନ୍ତ କରୁଛି । ନୂଆଦିଲ୍ଲୀ ସ୍ଥିତ ସର୍ବଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ ଏମସ୍‌ରେ ଆୟୋଜିତ ଏକ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଓରାମ୍ କହିଛନ୍ତି, ଅଧିକରୁ ଅଧିକ ଲୋକ ଏହି ରୋଗ ବିଷୟରେ ସଚେତନ

ହେବା ଦରକାର । ଏହାର ଚିକିତ୍ସା କେବଳ ମାନବୀୟ ଦୃଷ୍ଟିକୋଣରୁ ହୋଇପାରିବ । ରୋଗକୁ ଚିହ୍ନଟ କରିବା ଲାଗି ଗ୍ରାମପଞ୍ଚାୟତ ଏବଂ ଅଙ୍ଗନବାଡ଼ି ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯିବାର ସମୟ ଆସିଛି । ଅନେକ ମନ୍ତ୍ରଣାଳୟ ଓ ବହୁ ବିଭାଗ ସିକିଲସେଲ୍ ବିଷୟରେ ସଚେତନ ନ ଥିବାରୁ ଏକ ସାମୂହିକ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଶ୍ରୀ ଓରାମ୍ କହିଛନ୍ତି । ସମ୍ମିଳନୀ ଅବସରରେ ଶ୍ରୀ ଓରାମ୍ ସିକିଲ୍‌ସେଲ୍ ରୋଗରେ ପୀଡ଼ିତ ରୋଗୀଙ୍କ ସହ ଭାବବିନିମୟ କରିଛନ୍ତି ।

ଏହି ଦିନିକିଆ ଜାତୀୟ ସମ୍ମିଳନୀରେ ଦେଶର ବହୁ ହେମାଟୋଲୋଜି ବିଶେଷଜ୍ଞ ଯୋଗ ଦେଇ ଏହି ରୋଗର ଚିକିତ୍ସା ଓ ଗବେଷଣା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଛନ୍ତି ।

## ଭିପି-ଏମ୍‌ପି ଭିଜିଟ୍

ବିଶ୍ୱ ରକ୍ତଶିକୁଳି ବା ସିକିଲ୍ ସେଲ୍ ନିରାକରଣ ଦିବସ ଆଜି ପାଳନ କରାଯାଉଛି ।  ଏହି ଅବସରରେ ମଧ୍ୟପ୍ରଦେଶର ଡିଣ୍ଡୋରୀ ଠାରେ ଏକ ସମାବେଶରେ ଯୋଗ ଦେଇ  ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଏ ଦିଗରେ କେନ୍ଦ୍ର ସରକାର ବିହୀତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆସନ୍ତା ୨୦୪୭ ମସିହା ସୁଦ୍ଧା ଏହି ରୋଗକୁ ଦେଶରୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସେ

ଦୋହରାଇଛନ୍ତି । ଆୟୁଷ୍ମାନ କାର୍ଡ ମାଧ୍ୟମରେ ଏହି ରୋଗର ମାଗଣା ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଧନଖଡ଼ କହିଛନ୍ତି ।

## ନିର୍ମଳା ସୀତାରମଣ-ପ୍ରି ବଜେଟ୍

ସାଧାରଣ ବଜେଟ୍ ୨୦୨୪-୨୫ ପୂର୍ବରୁ ଅର୍ଥ ତଥା କମ୍ପାନୀ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଆଜି ବରିଷ୍ଠ ଅର୍ଥନୀତିଜ୍ଞଙ୍କୁ ନେଇ ପ୍ରାକ୍-ବଜେଟ୍ ବିଚାର ବିମର୍ଷର ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥ ସଚିବ, ଅର୍ଥନୈତିକ ବ୍ୟାପାର, ରାଜସ୍ୱ, ବିତ୍ତୀୟ ସେବା ଓ କମ୍ପାନୀ ବ୍ୟାପାର ସଚିବ ଏବଂ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଯୋଗଦେଇଥିଲେ ।

## ଅରବିନ୍ଦ କେଜରିୱାଲ

ଦିଲ୍ଲୀର ଏକ କୋର୍ଟ ଆଜି ଦିଲ୍ଲୀ ଅବକାରୀ ନୀତି ସଂକ୍ରାନ୍ତ ଅର୍ଥ ହେର୍‌ଫେର୍ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଅନ୍ୟତମ ଅଭିଯୁକ୍ତ ବିନୋଦ ଚୌହାନ୍‌ଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ହାଜତ ମିଆଦ

ଅବଧି ଶେଷ ପରେ ଉଭୟ ତିହାର ଜେଲ୍‌ରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋର୍ଟ୍‌ରେ ହାଜର ହୋଇଥିଲେ ।

ସୂଚନା ଯୋଗ୍ୟ ଅରବିନ୍ଦ କେଜରିଓ୍ୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ମାର୍ଚ୍ଚ ୨୧ ତାରିଖରେ ଗିରଫ୍ ହୋଇଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ମାମଲାରେ ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ମନିଶ ସିସୋଦିଆଙ୍କ ସମେତ ୩୮ ଜଣଙ୍କୁ ଅଭିଯୁକ୍ତ ସାବ୍ୟସ୍ତ କରିଛି ।

## ପିଏମ୍-ଯୋଗ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆସନ୍ତା ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସର ଦଶମ ସଂସ୍କରଣ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସାମାଜିକ ଗଣମାଧ୍ୟମରେ ଶଶାଙ୍କ ଆସନର ଭିଡ଼ିଓ ଚିତ୍ର ପୋଷ୍ଟ କରିଛନ୍ତି । ସ୍ୱାସ୍ଥ୍ୟ ଉପରେ ଏହି ଆସନର ଥିବା ସକାରାତ୍ମକ ପ୍ରଭାବ ଉପରେ ଭିଡ଼ିଓ ଚିତ୍ରରେ ଦର୍ଶାଯାଇଛି । ମାନସିକ ଏବଂ ଶାରୀରିକ ସୁସ୍ଥତା ବଜାୟ ରଖିବାରେ ଏହି ଆସନର ବିଶେଷ ଉପକାରିତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଚ୍ଚ ରକ୍ତଚାପ ଏବଂ ଆଥ୍ରାଇଟ୍‌ସ ରୋଗର ନିରାକରଣ ଦିଗରେ ଏହି ଆସନ ବିଶେଷ ଫଳପ୍ରଦ ହୋଇଥାଏ ବୋଲି ଭିଡ଼ିଓ ଚିତ୍ରରେ ଦର୍ଶାଯାଇଛି ।

# କର୍ଣ୍ଣାଟକ ଯୋଗ ଡେ

କର୍ଣ୍ଣାଟକ ଆୟୁଷ ବିଭାଗ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜିଠାରୁ ଏକ ୧୦ଦିନିଆ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏଥିରେ ସ୍କାଉଟ୍‌ସ ଗାଇଡ୍‌ସ, ଅଙ୍ଗନବାଡ଼ି କର୍ମୀ ଏବଂ ବେଙ୍ଗାଲୁରୁ ଆପାର୍ଟମେଣ୍ଟ ମାଲିକ ସଂଘର କର୍ମକର୍ତ୍ତା ସାମିଲ ହୋଇଛନ୍ତି । ଏ ସଂପର୍କରେ ସୂଚନା ଦେଇ ବିଭାଗୀୟ କମିଶନର ଶ୍ରୀ ଶ୍ରୀନିବାସ ଆକାଶବାଣୀକୁ କହିଛନ୍ତି ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଶେଷ ହେବ ।

# ହେଭି ରେନ୍

ଅରୁଣାଚଳ ପ୍ରଦେଶରେ ଗତ କିଛିଦିନ ଧରି ପ୍ରବଳ ବର୍ଷା ଲାଗିରହିଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବ କାମେଙ୍ଗ୍, ପାକ୍କୁମ୍‌ପାରେ ଏବଂ ଦିବାଙ୍ଗ୍ ଘାଟିର ପାଦଦେଶରେ ସତର୍କ ସୂଚନା ଜାରି କରାଯାଇଛି ।  କରସିଙ୍ଗ୍‌ସା ଅଞ୍ଚଳରେ ହଠାତ୍ ବନ୍ୟା ଆସିବା ଯୋଗୁଁ ଜାତୀୟ ରାଜପଥ ୪୧୫ର ଏକ ଅଂଶ ଧୋଇ ଯାଇଛି । ନିରଜୁଲି-ବନ୍ଦରଦେୱା ରାସ୍ତାରେ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ବ୍ୟାହତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଇଟାନଗର ଜିଲ୍ଲା ପ୍ରଶାସନ ଏହି ରାସ୍ତାର ମରାମତି

ହେବା ପର୍ଯ୍ୟନ୍ତ ଗୁଙ୍ଗ୍‌ଟୋ ରାସ୍ତା ଦେଇ ଯାତାୟାତ କରିବାକୁ  ପରାମର୍ଶ ଦେଇଛନ୍ତି ।

## କ୍ରିକେଟ୍-ବିଶ୍ୱକପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ସୁପର ଏଇଟ୍ ପର୍ଯ୍ୟାୟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟକୁ ଉନ୍ନିତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ସ୍ଥାନିତ କରାଯାଇଛି । ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ଆଫ୍‌ଗାନିସ୍ତାନକୁ ନେଇ ପ୍ରଥମ ଗ୍ରୁପ୍ ଏବଂ ଆମେରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଦ୍ୱିତୀୟ ଗ୍ରୁପ୍ ଗଠନ କରାଯାଇଛି । ବାଂଲାଦେଶ ନେପାଳକୁ ହରାଇ ଅଷ୍ଟମ ଦଳ ଭାବେ ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

ଆଜି ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଖେଳାଯିବ । ଆସନ୍ତାକାଲି ଭାରତ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମୁକାବିଲା ହେବ ।

ଏହି ଦୁଇ ଗ୍ରୁପ୍‌ର ପ୍ରଥମ ଦୁଇଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ । ସୁପର ଏଇଟ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ ଏବଂ ଦୁଇଟି ମ୍ୟାଚ୍ ବିଜୟୀ ଟିମ୍ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବ । ନକ୍‌ଆଉଟ୍ ପର୍ଯ୍ୟାୟରେ

ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଆସନ୍ତା ୨୯ ତାରିଖ ଦିନ ବାରବାଡୋସ୍ ଠାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।